୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

ଖେଳ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

Bhubaneswar Tuesday June 24 | ଭୁବନେଶ୍ୱର ମଙ୍ଗଳବାର, ୨୪, ୨୦୨୫ | Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 | www.paryabekhyak.com



## ଉତ୍କଳ ଆଲୁମିନା ଓ ବାଫ୍ଲିମାଳି ଖଣି ପକ୍ଷରୁ ୧୧ତମ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ



ରାୟଗଡ଼ା,(ପି.ଏନ); ରାୟଗଡ଼ା ଜିଲ୍ଲା ଟିକିରୀ ଅଧୀନ ଦୋରାଗୁଡ଼ା ସ୍ଥିତ ଉତ୍କଳ ଆଲୁମିନା, ହିଣ୍ଡାଲକୋ ଇଣ୍ଡଷ୍ଟ୍ରୀଜ ଆଦିତ୍ୟ ବିର୍ଲା ଗ୍ରୁପର ସହଯୋଗୀ କମ୍ପାନୀ ତରଫରୁ ୧୧ତମ ଆନ୍ତର୍ଜାତୀୟ ଯୋଗ ଦିବସ ଉତ୍ସାହର ସହ ପାଳିତ ହୋଇଛି । କମ୍ପାନୀ ଉଭୟ ନୂଆପଡ଼ା ଓ ଓଷାପଡ଼ା ସ୍ଥିତ ଟାଉଁନସିପ୍ ଠାରେ ଆନ୍ତର୍ଜାତୀୟ ଯୋଗ ଦିବସ ପାଳନ କରାଯାଇଛି । ଏହି ପରିପ୍ରେକ୍ଷୀରେ ଯୋଗ ପ୍ରଶିକ୍ଷକ ଅନିକେତ ଯୋଷୀ ଏବଂ ଅନିଶା ଉଭୟ ଉପସ୍ଥିତ ରହି ଯୋଗାସନ ପ୍ରାଣାୟାମ ଇତ୍ୟାଦି ଆସନ ଅଭ୍ୟାସ କରିବା ସହିତ ଶିବିରରେ ଅଂଶଗ୍ରହକାରୀଙ୍କୁ ଏହାର ଉପଦୟତା ସମ୍ପର୍କରେ ବୁଝାଇଥିଲେ। ଚ଼ଳିତ ବର୍ଷ ଆନ୍ତର୍ଜାତୀୟ ଯୋଗ ଦିବସ ବିଷୟବସ୍ତୁ 'ଏକ ସ୍ୱାସ୍ଥ୍ୟ ଓ ପୃଥିବି ପାଇଁ ଯୋଗ' ସମ୍ପର୍କରେ ଯୋଗ ପ୍ରଶିକ୍ଷକ ଶିବିରରେ ଆଲୋକପାତ କରିଥିଲେ। ଉଭୟ ଟାଉନସିପରେ ଆୟୋଜିତ ଏହି ଯୋଗ ଶିବରରେ ୪୦୦ରୁ ଉର୍ଦ୍ଧ୍ୱ କମ୍ପାନୀ କର୍ମଚ଼ାରୀ ଯୋଗ ଦେଇ ବିଭିନ୍ନ ଯୋଗାସନ, ପ୍ରାଣାୟାମ ଇତ୍ୟାଦି ଆସନ କରିଥିଲେ। ଏହି ଅବସରରେ ଏଫ୍ ଏଚ୍ ଅପରେସନ ଉତ୍ତମ ଗିରି, ଏଫଏଚ୍ ଟେକ୍ନିକାଲ ପୌଲ୍ ଗୁପ୍ତା, ଏଫେଚ୍ ସୁରକ୍ଷା; ବିଶ୍ୱଜିତ୍ ଜୋଓ୍ୱାରଦାର ଓ ସୁରକ୍ଷା ଏବଂ ଆଡମିନ ବିଭାଗ ମୁଖ୍ୟ ପରମଜିତ ବଜବା ଉପସ୍ଥିତ ରହି ଯୋଗାସନ ଏବଂ ପ୍ରାଣାୟମ କରିଛନ୍ତି । ସେହିପରି ଉତ୍କଳ ଆଲୁମିନା କମ୍ପାନୀ, ବାଫ୍ଲିମାଳି ଖଣି ପକ୍ଷରୁ ଅନୁରୂପ ୧୧ତମ ଆନ୍ତର୍ଜାତିକ ଯୋଗ ଦିବସ ମହାଡମ୍ବରରେ ପାଳିତ ହୋଇଛି। ଭାରତୀୟ ଖଣି ବ୍ୟୁରୋ ମାର୍ଗଦର୍ଶିକା ଅନୁପାଳନ ସହ କର୍ମଚ଼ାରୀଙ୍କ ମଧ୍ୟରେ ସୁସ୍ଥ ସ୍ୱାସ୍ଥ୍ୟ ପ୍ରୋତ୍ସାହନ ନିମନ୍ତେ ଏହି ଦିବସ ପାଳିତ ହୋଇଯାଇଛି। ଯୋଗ ମାଧ୍ୟମରେ ଉତ୍ତମ ସ୍ୱାସ୍ଥ୍ୟ ଗଠନ, ଏବଂ ଆଧାତ୍ମିକ ଚେତନାର ଉନ୍ନତୀ ପାଇଁ ଏକାନ୍ତ ଆବଶ୍ୟକ ରହିଛି। ସ୍ୱାସ୍ଥ୍ୟ, ମାନସିକ ଶାନ୍ତି ତଥା ସୁସ୍ଥ ଜୀବନଶୈଳୀ ପାଇଁ ଯୋଗ ଉପୋଯୋଗିତା ସମ୍ପର୍କରେ ଶିବିରରେ ଆଲୋକପାତ କରାଯାଇଥିଲା । ଉକ୍ତ ଶିବିରରେ ବାଫ୍ଲିମାଳି ଖଣି ମୁଖ୍ୟ ଶ୍ରୀ ବିଜୟ ଚୌହାନ ଯୋଗ ଦେଇ ଯୋଗାସନ ଅଭ୍ୟାସ କରିବା ସହ ଖଣିର ଅନ୍ୟ କର୍ମଚ଼ାରୀମାନେ ସକ୍ରିୟ ଅଂଶଗ୍ରହଣ କରି ଯୋଗାସନ ଓ ପ୍ରାଣାୟମ ଇତ୍ୟାଦି ଆସନ ଅଭ୍ୟାସ କରିଥିଲେ। ଉକ୍ତ ଯୋଗ ଶିବିରରେ ଦିଲ୍ଲୀପ କୁମାର ନନ୍ଦ ଓ ଅନିନ୍ଦିତା ମଣ୍ଡଳ ଉପସ୍ଥିତ ରହି ଯୋଗାସନ ଏବଂ ପ୍ରାଣାୟମ ଆସନ ଅଭ୍ୟାସ କରି ଅଂଶଗ୍ରହକାରୀଙ୍କୁ ଏହାର ଉପାଦେୟତା ସମ୍ପର୍କରେ ପୁଙ୍ଖାନୁଙ୍ଖ ବୁଝାଇ ଥିଲେ। ଅନ୍ୟପକ୍ଷେ ଓଷାପଡ଼ା ସ୍ଥିତ ଆଦିତ୍ୟ ବିର୍ଲା ପବ୍ଲିକ୍ ସ୍କୁଲ୍ ପକ୍ଷରୁ ଆନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି । ସ୍କୁଲ ଅଧକ୍ଷ ଶ୍ରୀ ଅନିରୁଧ ତିଓ୍ୱାରୀଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଏହି ଯୋଗ ଶିବିର ଆୟୋଜନ ହୋଇଥିଲା। ଶିକ୍ଷାର୍ଥୀଙ୍କ ମଧ୍ୟରେ ଯୋଗର ଉପକାରିତା ସମ୍ପର୍କିତ ସଚେତନତା ସୃଷ୍ଟି ତଥା ସୁସ୍ଥ ସ୍ୱାସ୍ଥ୍ୟ ଓ ମାନସିକ ଉନ୍ନତି ପାଇଁ ଯୋଗାସନର ଭୂମିକା ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ଅବଗତ କରାଯାଇଥିଲା।

## ପୁଲିସ ବିଭାଗରେ କାର୍ଯ୍ୟାନୁଷ୍ଠାନ ଶୂନ, ଆଇନଶୃଙ୍ଖଳା ପରିସ୍ଥିତିର ନିୟମିତ ସମୀକ୍ଷା ନାହିଁ

ଭୁବନେଶ୍ୱର,(ପି.ଏନ): ରାଜ୍ୟରେ ମହିଳା ବିରୋଧୀ ହିଂସା ଘଟଣାକୁ ନେଇ ରାଜନୀତିକ ଦଳଗୁଡିକର ଆରୋପ-ପ୍ରତ୍ୟାରୋପ ମଧ୍ୟରେ ଆମେରିକା ସରକାରଙ୍କ ଆଡଭାଇଜରି ଓଡିଶା ପାଇଁ ଚ଼ିନ୍ତା ବଢ଼ାଇଛି। ରାଜ୍ୟରେ ବିଗତ ବର୍ଷଗୁଡିକ ତୁଳନାରେ ଏବେ ବିଭିନ୍ନ ଧରଣର ଅପରାଧିକ ମାମଲା ଅପେକ୍ଷାକୃତ କମ୍ ରହିଛି ବୋଲି ତଥ୍ୟଗତ ପ୍ରମାଣ ଶାସକ ବିଜେପି ଉପସ୍ଥାପିତ କରୁଥିବାବେଳେ ବିରୋଧୀ କଂଗ୍ରେସ ଓ ବିଜେଡି କ୍ରମାଗତ ଭାବେ ସରକାରଙ୍କ ବିଫଳତା ଆଡକୁ ଅଙ୍ଗୁଳି ଉଠାଇବାରେ ଲାଗିଛନ୍ତି। ତେବେ ବିଗତ କିଛି ମାସ ଧରି ରାଜ୍ୟରେ ପୁଲିସର ଆଚ଼ରଣ ଓ ବିଫଳତା ପାଇଁ ସରକାରଙ୍କୁ ବଦନାମ ହେବାକୁ ପଡିଥିବା ଜଣାପଡିଛି। ଗୋପାଳପୁର ବେଳାଭୂମିରେ କଲେଜ ଛାତ୍ରୀଙ୍କୁ ଗଣଦୁଷ୍କର୍ମ ଘଟଣା ହେଉ ଅବା କେନ୍ଦୁଝରରେ ଯୁବତୀଙ୍କ ଦୁଷ୍କର୍ମ ଓ ହତ୍ୟା ଘଟଣାର ତଦନ୍ତ ହେଉ ସେଥିରେ ପୁଲିସ ସଫଳ ହୋଇନାହିଁ। ରାଜ୍ୟସ୍ତରରେ ଆଇନଶୃଙ୍ଖଳା ପରିସ୍ଥିତିର ନିୟମିତ ସମୀକ୍ଷା ହେଉନାହିଁ କିମ୍ବା ମହିଳା ସୁରକ୍ଷା ଏଜେଣ୍ଡାକୁ ନେଇ 'ରାଜ୍ୟସ୍ତରୀୟ ପୁଲିସ ସମ୍ମିଳନୀ' କରିବା ନିମନ୍ତେ ମୁଖ୍ୟମନ୍ତ୍ରୀ ଦେଇଥିବା ନିର୍ଦ୍ଦେଶକୁ ଏପର୍ଯ୍ୟନ୍ତ କାର୍ଯ୍ୟକାରୀ କରାଯାଇନଥିବା ଜଣାପଡିଛି। ପୁଲିସ ବିରୁଦ୍ଧରେ ପୁଳାପୁଳା ଅନିୟମିତତା ଅଭିଯୋଗ ଆସୁଥିଲେ ମଧ୍ୟ ତା'ର ତଦନ୍ତ ମଧ୍ୟ ହେଉନାହିଁ। ପୁଲିସ ଓ ଗୃହ ବିଭାଗର ଅବହେଳା ଓ ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନର ଅଭାବ ଯୋଗୁ ମୋହନ ସରକାରଙ୍କୁ ବିଭିନ୍ନ ମହଲରେ ସମାଲୋଚ଼ିତ ହେବାକୁ ପଡୁଥିବା ରାଜନୀତିକ ମହଲରେ ଚ଼ର୍ଚ୍ଚା ହେଉଛି। ଏପଟେ ମହିଳା ହିଂସା ଘଟଣା ବୃଦ୍ଧି ପ୍ରତିବାଦ ବିଜେଡି ଆସନ୍ତା ୨୫ତାରିଖରେ ରାଜ୍ୟବ୍ୟାପୀ କଲେଜଗୁଡିକରେ ଶ୍ରେଣୀବର୍ଜନ,କଳା ବ୍ୟାଜ୍ ପରିଧାନ ଓ ପିକେଟିଂ କରିବ ବୋଲି ଘୋଷଣା କରିଛି ।






## ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ ର ୫୬ ତମ ଶାଖା ଉଦଘାଟନ



ବାଲିଗୁଡା,(ପି.ଏନ) : ରାଷ୍ଟ୍ର ନିର୍ମାଣ ଏବଂ ଆର୍ଥିକ ଅନ୍ତର୍ଭୁକ୍ତିକରଣରେ ଏହାର ଉପସ୍ଥିତିକୁ ସୂଚ଼ିତ କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ରେ ବ୍ରହ୍ମପୁର ସର୍କଲର ୫୬ ତମ ଶାଖା ସୋମବାର ଉଦଘାଟନ କରିଛି। ବ୍ରହ୍ମପୁରର ସର୍କଲ ମୁଖ୍ୟ ପ୍ରତାପ କୁମାର ବୈରିଗଞ୍ଜନଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଭୁବନେଶ୍ୱରର ଜୋନାଲ ମ୍ୟାନେଜର ଭୂଷଣ ଶର୍ମା ଯୋଗଦେଇ ଦୀପ ଧୂପ ପ୍ରଜ୍ଜଳନ ପୂର୍ବକ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ତହସିଲଦାର ଦୀପ୍ତି ପ୍ରକାଶ ବେହେରା, ଉପଖଣ୍ଡ ପ୍ରାଣୀ ଚ଼ିକିତ୍ସା ଅଧିକାରୀ ଲମ୍ବୋଦର ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ସର୍କଲ ମୁଖ୍ୟ ଶ୍ରୀ ବୈରିଗଞ୍ଜନ ପିଏନବିର ଐତିହ୍ୟ ଉପରେ ଆଲୋକପାତ କରି ବାଲିଗୁଡ଼ା ଅଞ୍ଚଳର ବାସିନ୍ଦାଙ୍କୁ ସର୍ବୋତ୍ତମ ଗ୍ରାହକ ସେବା ପ୍ରଦାନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଶ୍ରୀ ଶର୍ମା ବୈଠକରେ ଉପସ୍ଥିତ ଜନସାଧାରଣଙ୍କୁ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ ସହିତ ଜଡିତ ହେବାକୁ ଆହ୍ୱାନ କରିବା ସହ ସମ୍ପତ୍ତି ଏବଂ ଜମା କ୍ଷେତ୍ରରେ ଅନେକ ସେବା ପ୍ରଦାନ କରୁଥିବା ବିଷୟ ପ୍ରାଞ୍ଜଳ ଭାବେ ବୁଝାଇଥିଲେ। ଜନସାଧାରଣଙ୍କୁ ବ୍ୟାଙ୍କ ଦ୍ୱାରା ପ୍ରଦାନ କରାଯାଉଥିବା ବିଭିନ୍ନ ସୁବିଧାର ଲାଭ ଉଠାଇବାକୁ ପରାମର୍ଶ ଦେଇଥିଲେ , କାରଣ ପିଏନବିର ୧୩୦ ବର୍ଷରୁ ଅଧିକ ପୁରୁଣା ଐତିହ୍ୟ ରହିଛି ଯାହା ବ୍ୟାଙ୍କିଙ୍ଗ ଶିଳ୍ପରେ ସର୍ବୋତ୍ତମ ଗ୍ରାହକ ସେବା ପ୍ରଦାନ କରୁଛି। ଏହି କାର୍ଯ୍ୟକ୍ରମ ରେ ସ୍ଥାନୀୟ ଶାଖା ପରିଚ଼ାଳକ ସତ୍ୟ ନାରାୟଣ ସାହୁ, କୋଷାଧକ୍ଷ ପ୍ରତାପ କୁମାର ମୁଦୁଲି, ଅଫିସର ଦୀପ୍ତିମୟୀ ପ୍ରଧାନୀ ଉପସ୍ଥିତ ରହି ପରିଚ଼ାଳନା ରେ ସହଯୋଗ କରିଥିଲେ । ଏହି କାର୍ଯ୍ୟକ୍ରମ ରେ ବିଭିନ୍ନ ବର୍ଗର ଶତାଧିକ ଗ୍ରାହକ ଉପସ୍ଥିତ ଥିଲେ।

## ପୁରୁଷୋତ୍ତମ ସାଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି

ଗୋଲାମୁଣ୍ଡା (ପି ଏନ): ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ ଟେମରି ଗ୍ରାମ ପଂଚ଼ାୟତରେ ଶୋକର ଛାୟା ଖେଳି ଯାଇଛି। ଟେମରୀ ଡିଗ୍ରାପଡ଼ା ଗ୍ରାମର ପୁରୁଷୋତ୍ତମ ସାଙ୍କ(ବୟସ ୯୦)ଆଜି ଦେହାନ୍ତ ହୋଇ ଯାଇଛି। ସେ ଜଣେ ସରଳ, ନିରୀହ, ଦୟା ବନ୍ତ ଓ ଧର୍ମ ପରାୟଣ ବ୍ୟକ୍ତି ଥିଲେ। ସେ ଏହି ଅଞ୍ଚଳର ଲୋକଙ୍କୁ ଧର୍ମ ଓ କର୍ମ ବିଷୟରେ ଅନେକ ଶିକ୍ଷା ଦେବା ସହ ନିରୀହ, ଗରିବ ଲୋକଙ୍କୁ ସହଯୋଗ କରିଥାନ୍ତି। ତାଙ୍କ ବିୟୋଗରେ ସାମ୍ବାଦିକ ଜଗଜ୍ଜିବନ ସା, ତାଙ୍କ ବଡ ପୁତ୍ର ବେଭାରି ସାହୁ, କୁମୁଦ ସା ତଥା ଟେମରୀ ସରପଞ୍ଚ ଶ୍ରୀ ମତି ଲକ୍ଷ୍ମୀ ସା, ତଥା ତାଙ୍କ ପୁତ୍ର ଓ ପୁତ୍ର ବଧୂ ଓ ନାତି ନାତୁଣୀ, ଭାଇ ବନ୍ଧୁ ସମସ୍ତେ ଶୋକ କୁଳ ଅବସ୍ଥା ରେ ଥିବା ବେଳେ ଏହି ଅଞ୍ଚଳର ଗ୍ରାମ ପଂଚ଼ାୟତରେ ପିଇଓ ପୁରୁଷୋତ୍ତମ ନାଏକ ତାଙ୍କ ମିତ୍ର ତଥା ଗ୍ରାମ ପଞ୍ଚାୟତ ବାସି ଙ୍କ ହୃଦୟରେ ଶୋକା କୂଳ ଅବସ୍ଥା ଅଛନ୍ତି। ସେ ଗତ ୧୫ ତାରିଖ ଦିନ ପରାଲେଶିସ ରେ ପୀଡ଼ିତ ହୋଇ ଥିବା ବେଳେ ଭୁବନେଶ୍ୱର କିମ୍ସ ହସ୍ପିଟାଲ ରେ ଚ଼ିକିତ୍ସା କରିବା ପାଇଁ ନିଆ ଯାଇ ଥିଲା। ସେ କିଛି ଦିନ ହସ୍ପିଟାଲରେ ରହିବା ପରେ ବି ତାଙ୍କର ଦେହର ସ୍ୱାସ୍ଥ୍ୟ ଭଲ ହୋଇ ନଥିଲା । ଅନେକ ଟଙ୍କା ପଇସା ଖର୍ଚ୍ଚ ପରେ ବି ତାଙ୍କର ଦେହ ସୁସ୍ଥ ନ ହୋଇ ସେ ସମସ୍ତଙ୍କୁ ଛାଡ଼ି ଚ଼ାଲି ଯାଇ ଥିବାରୁ ଅଞ୍ଚଳବାସିଙ୍କ ଆଖିରୁ ଲୁହ ଝରିବା ସହ ଦୁଃଖ ପ୍ରକାଶ କରି ଛନ୍ତି। ଆସନ୍ତା ଜୁଲାଇ ମାସ ୦୧ ତାରିଖ ଦିନ ଦଶାହ କାର୍ଯ୍ୟ ଅନୁଷ୍ଠିତ ହେବାକୁ ଯାଉଛି।

## ଟାଟା ଷ୍ଟିଲ ଫାଉଣ୍ଡେସନ୍ ଏବଂ ଓଡିଶା ସରକାରଙ୍କ ମିଳିତ ଉଦ୍ୟମରେ ମଲ୍ଟି-ସ୍କିଲ ଡେଭଲପମେଣ୍ଟ ସେଣ୍ଟରରେ ୬୧ ଜଣ ପ୍ରଶିକ୍ଷଣାର୍ଥୀ ନେବେ ପାରାମେଡିକ୍ ବୃତିଗତ ତାଲିମ



କଳିଙ୍ଗନଗର,(ପି.ଏନ): ଟାଟା ଷ୍ଟିଲ ଫାଉଣ୍ଡେସନ୍ ଏବଂ ଓଡିଶା ସରକାରଙ୍କ ମିଳିତ ଉଦ୍ୟମରେ ଗଠିତ ଦାନଗଦି ମଲ୍ଟି-ସ୍କିଲ ଡେଭଲପମେଣ୍ଟ ସେଣ୍ଟର (ଏମଏସଡିସି) ଏକ ମହତ୍ତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ଅତିକ୍ରମ କରିଛି। ସୋମବାର ଦାନଗଦିରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ପ୍ରଥମ ବ୍ୟାଚ଼ର ୬୧ ଜଣ ଛାତ୍ରଛାତ୍ରୀମାନ ପାରାମେଡିକ୍ ବୃତିଗତ ତାଲିମ ନେବା ପାଇଁ ବିଭିନ୍ନ ସଂସ୍ଥାକୁ ପ୍ରେରଣ କରାଯାଇଛି।ଏହି କାର୍ଯ୍ୟକ୍ରମରେ ଟାଟା ଷ୍ଟିଲ, ନୀଳାଚ଼ଳ ଇସ୍ପାତ ନିଗମ, ଟାଟା ଷ୍ଟିଲ ଫାଉଣ୍ଡେସନ୍ ଏବଂ ଆଷ୍ଟ୍ରନ ଇନଷ୍ଟିଚ୍ୟୁଟ ଅଫ ସୋସିଆଲ ସାଇନସେସ୍ ର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।ଜୁଲାଇ ୨୩, ୨୦୨୫ରେ ଶ୍ରେଣୀଗୃହ ତାଲିମ ସମାପ୍ତ ହେବା ପୂର୍ବରୁ, ଏହି ୬୧ ଜଣ ଛାତ୍ର-ଛାତ୍ରୀ ଭୁବନେଶ୍ୱର ଏବଂ ଯାଜପୁରର ପ୍ରମୁଖ ଡାକ୍ତରଖାନାମାନଙ୍କରେ ବୃତିଗତ ତାଲିମ ଆରମ୍ଭ କରିବେ। ଏଥିପାଇଁ କେୟାର ହସ୍ପିଟାଲ, ସନସାଇନ ହସ୍ପିଟାଲ, ମଣିପାଳ ହସ୍ପିଟାଲ ଏବଂ ଟାଟା ଷ୍ଟିଲ ମେଡିକା ଭଳି ସୁପରିଚ଼ିତ ସଂସ୍ଥାଗୁଡିକୁ ବାଛାଯାଇଛି। ଏହା ଛାତ୍ରମାନଙ୍କ ବୃତ୍ତିଗତ ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଏବଂ ଦକ୍ଷତା ବିକାଶ ଓ ବାସ୍ତବ ଚ଼ାକିରି ମଧ୍ୟରେ ଥିବା ଦୂରତ୍ୱ କମାଇବାରେ ସେଣ୍ଟରର ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ।୨୦୨୪ ଡିସେମ୍ବରରେ ସ୍ଥାପିତ ହୋଇଥିବା ଏହି ସେଣ୍ଟରର ଉଦ୍ଦେଶ୍ୟ ହେଉଛି ଆର୍ଥିକ ସ୍ତରରେ ଦୁର୍ବଳ ଯୁବକ-ଯୁବତୀଙ୍କୁ ଶିଳ୍ପ-ସମ୍ବନ୍ଧୀୟ ଦକ୍ଷତା ପ୍ରଦାନ କରି ସେମାନଙ୍କୁ ଚ଼ାକିରି ପାଇବାରେ ସାହାଯ୍ୟ କରିବା ଏବଂ ସ୍ୱାବଲମ୍ବୀ କରିବା। ପ୍ରଥମ ପର୍ଯ୍ୟାୟରେ, ଟାଟା ଷ୍ଟିଲ ଫାଉଣ୍ଡେସନ୍ ଗୁଡଗାଁଓ ସ୍ଥିତ ଆଷ୍ଟ୍ରନ ଇନଷ୍ଟିଚ୍ୟୁଟ ଅଫ ସୋସିଆଲ ସାଇନସେସ୍ ସହ ମିଶି ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏକବର୍ଷୀୟ ଡିପ୍ଲୋମା ପାଠ୍ୟକ୍ରମ ଆରମ୍ଭ କରିଛି। ଏଥିରେ ରେଡିଓଲୋଜି ଟେକ୍ନିସିଆନ୍ ?, ଡାଏଲିସିସ୍ ଟେକ୍ନିସିଆନ୍ ଏବଂ ମେଡିକାଲ୍ ଲାବୋରେଟୋରୀ ଟେକ୍ନିସିଆନ୍ ପାଇଁ ତାଲିମ ଦିଆଯାଉଛି ଯାହାର ବର୍ତ୍ତମାନ ବଜାର ଚ଼ାହିଦା ରହିଛି ଏବଂ ଏହି କ୍ଷେତ୍ର ଗୁଡିକରେ ଅନେକ ନିଯୁକ୍ତି ସୁଯୋଗ ମିଳୁଛି।ଏଠାରେ ପାଠ୍ୟକ୍ରମ ଏକ ସନ୍ତୁଳିତ ପଦ୍ଧତିରେ ଚ଼ାଲିଛି, ଯେଉଁଥିରେ ଛଅ ମାସ ତତ୍ତ୍ୱଗତ ଶିକ୍ଷା ଏବଂ ସ୍କିଲ୍ ଲ୍ୟାବ୍ ସେସନ୍ ପରେ ଆଉ ଛଅ ମାସ ଯାଜପୁର ଓ ଭୁବନେଶ୍ୱରର ନାମୀ ଡାକ୍ତରଖାନାମାନଙ୍କରେ ବ୍ୟବହାରିକ ତାଲିମ ଦିଆଯାଏ। ସେଣ୍ଟରଟି ଆଧୁନିକ ସ୍କିଲ୍ ଲ୍ୟାବ୍ ସହିତ ସଜ୍ଜିତ, ଯେଉଁଥିରେ ସିମୁଲେଟର୍ ଏବଂ ରିଅଲ୍ ?-ଟାଇମ୍ ଡାୟାଗ୍ନୋଷ୍ଟିକ୍ ଯନ୍ତ୍ର ଆଦି ରହିଛି, ଯାହା ଛାତ୍ରଛାତ୍ରୀମାନଙ୍କୁ ବ୍ୟବହାରିକ ଜ୍ଞାନ ଦେବାରେ ସହାୟକ ହେଉଛି।


Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-7510 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-7515, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ

EDITOR : Dr. Pabitra Mohan Samantaray